# TPCODL

# ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିଃ. (ଟିପିସିଓଡ଼ିଏଲ)

(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୁଗ୍ମ ଉଦ୍ୟୋଗ)

କର୍ପୋରେଟ କାର୍ଯ୍ୟାଳୟ : ପାୱାର ହାଉସ୍ ଛକ, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨

ପଞ୍ଜିକୃତ କାର୍ଯ୍ୟାଳୟ : ୨ୟ ମହଲା, ଇଡ୍‌କୋ ଟାୱାର, ଜନପଥ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୨

## ସାଧାରଣ ବିଜ୍ଞପ୍ତି

**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ସମ୍ମୁଖରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିଃ. (ଟିପିସିଓଡ଼ିଏଲ) ଦ୍ୱାରା ଫାଇଲ୍ କରାଯାଇଥିବା ଓଇଆରସି (ହ୍ୱିଲିଂ ଟାରିଫ୍ ଏବଂ ରିଟେଲ୍ ସପ୍ଲାଏ ଟାରିଫ୍‌ର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨ ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ହ୍ୱିଲିଂ ଟାରିଫ୍ ଓ ରିଟେଲ୍ ସପ୍ଲାଏ ଟାରିଫ୍ ଆବେଦନର ମୋଟ ରାଜସ୍ୱ ଆବଶ୍ୟକତା ଓ ନିର୍ଦ୍ଧାରଣ ପାଇଁ ଓଇଆରସି (ବ୍ୟବସାୟ ପରିଚାଳନା) ନିୟାମକ ୨୦୦୪ ର ୫୩(୭) ସମ୍ବନ୍ଧିତ ପାଠ ବିଦ୍ୟୁତ୍ ଅଧିନୀୟମ ୨୦୦୩ର ଧାରା ୬୪(୨) ଅଧୀନରେ ଆବେଦନ ପ୍ରକାଶନ।**

**୧.** ଓଇଆରସି (ହ୍ୱିଲିଂ ଟାରିଫ୍ ଏବଂ ରିଟେଲ୍ ସପ୍ଲାଏ ଟାରିଫ୍ ର ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨ ଅନୁଯାୟୀ **୦୯.୦୧.୨୦୨୩** ରେ ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ହ୍ୱିଲିଂ ଟାରିଫ୍ ଓ ରିଟେଲ ସପ୍ଲାଏ ଟାରିଫ୍ ନିର୍ଦ୍ଧାରଣ ତଥା ମୋଟ ରାଜସ୍ୱ ଆବଶ୍ୟକତା ଅନୁମୋଦନ ପାଇଁ ଟିପିସିଓଡ଼ିଏଲ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଠାରେ ଏହାର ଆବେଦନକୁ ଦାଖଲ କରିଛି, ଯାହାକୁ **କେସ୍ ନଂ. ୮୮/୨୦୨୨** ଭାବରେ ପଞ୍ଜିକୃତ କରାଯାଇଛି। ବିଦ୍ୟୁତ୍ ଅଧିନୀୟମ ୨୦୦୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାବଳୀ ତଥା ଧାରା ୬୨ ଅଧୀନରେ ଉକ୍ତ ଆବେଦନକୁ ଫାଇଲ୍ କରାଯାଇଛି। ଯାହା ପାଠ ଓଇଆରସି (ହ୍ୱିଲିଂ ଟାରିଫ୍ ଓ ରିଟେଲ ସପ୍ଲାଏ ଟାରିଫ୍ ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ) ନିୟାମକ ୨୦୨୨, ଓଇଆରସି (ବ୍ୟବସାୟ ପରିଚାଳନା) ନିୟାମକ, ୨୦୦୪ ଏବଂ ଭେଷ୍ଟିଂ ଅର୍ଡ଼ର ଅନୁଯାୟୀ ରହିଛି। ଏହି କ୍ରମରେ ଏକ ଜନ ଶୁଣାଣି ମାଧ୍ୟମରେ ମାମଲାର ସମାଧାନ କରିବାକୁ ଆୟୋଗ ନିଷ୍ପତ୍ତି ନେଇଛି।

**୨.** ସହାୟକ ସାମଗ୍ରୀ ସହିତ ଉପରୋକ୍ତ ଫାଇଲିଂର ନକଲଗୁଡ଼ିକ ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼ (ପାୱାର ହାଉସ୍ ଛକ, ୟୁନିଟ୍-୮, ଭୁବନେଶ୍ୱର - ୭୫୧୦୧୨) ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବଣ୍ଟନ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଯଥା (କ) ବି.ସି.ଡ଼ି.ଡ଼ି-୧, ଭୁବନେଶ୍ୱର, (ଖ) ବି.ସି.ଡ଼ି.ଡ଼ି-୨, ଭୁବନେଶ୍ୱର, (ଘ) ଭୁବନେଶ୍ୱର ଇଲେକ୍ଟ୍ରିକାଲ ଡ଼ିଭିଜନ, ଭୁବନେଶ୍ୱର, (ଘ) ସି.ଡ଼ି.ଡ଼ି. -୧, କଟକ, (ଙ) ସି.ଡ଼ି.ଡ଼ି. -୨, କଟକ, (ଚ) କଟକ ଇଲେକ୍ଟ୍ରିକାଲ ଡ଼ିଭିଜନ, କଟକ, (ଛ) ପୁରୀ ଇଲେକ୍ଟ୍ରିକାଲ ଡ଼ିଭିଜନ, ପୁରୀ, (ଜ) ଖୋର୍ଦ୍ଧା ଇଲେକ୍ଟ୍ରିକାଲ ଡ଼ିଭିଜନ, ଖୋର୍ଦ୍ଧା, (ଝ) ବାଲୁଗାଁ ଇଲେକ୍ଟ୍ରିକାଲ ଡ଼ିଭିଜନ, ବାଲୁଗାଁ, (ଞ) ନୟାଗଡ଼ ଇଲେକ୍ଟ୍ରିକାଲ ଡ଼ିଭିଜନ, ନୟାଗଡ଼, (ଟ) ନିମାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ, ନିମାପଡ଼ା, (ଠ) କେନ୍ଦ୍ରାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ ନଂ-୧, କେନ୍ଦ୍ରାପଡ଼ା, (ଡ଼) କେନ୍ଦ୍ରାପଡ଼ା ଇଲେକ୍ଟ୍ରିକାଲ ଡ଼ିଭିଜନ ନଂ-୨, ମାର୍ଶାଘାଇ, (ଢ଼) ଜଗତସିଂହପୁର ଇଲେକ୍ଟ୍ରିକାଲ ଡ଼ିଭିଜନ, ଜଗତସିଂହପୁର, (ଣ) ପାରାଦୀପ ଇଲେକ୍ଟ୍ରିକାଲ ଡ଼ିଭିଜନ, ପାରାଦୀପ, (ତ) ଆଠଗଡ଼ ଇଲେକ୍ଟ୍ରିକାଲ ଡ଼ିଭିଜନ, ଆଠଗଡ଼, (ଥ) ସାଲେପୁର ଇଲେକ୍ଟ୍ରିକାଲ ଡ଼ିଭିଜନ, ସାଲେପୁର, (ଦ) ତାଳଚେର ଇଲେକ୍ଟ୍ରିକାଲ ଡ଼ିଭିଜନ, ଚାଇଁପାଳ, (ଧ) ଢେଙ୍କାନାଳ ଇଲେକ୍ଟ୍ରିକାଲ ଡ଼ିଭିଜନ, ଢେଙ୍କାନାଳ ଏବଂ (ନ) ଅନୁଗୁଳ ଇଲେକ୍ଟ୍ରିକାଲ ଡ଼ିଭିଜନ, ଅନୁଗୁଳ, ଉପଲବ୍ଧ।

**୩.** (କ) ଆଗ୍ରହୀ ବ୍ୟକ୍ତିମାନେ ଉପରୋକ୍ତ ପାରା (୧) ରେ ଦିଆଯାଇଥିବା ବିଷୟବସ୍ତୁ ସମ୍ପୃକ୍ତ ରେକର୍ଡ଼କୁ ଅନୁସନ୍ଧାନ କରିପାରିବେ ଓ ମଗାଇପାରିବେ। ଏହା ଧ୍ୟାନ ଦେବା ଆବଶ୍ୟକଯେ ଯାହାକୁ ଉପରୋକ୍ତ ପାରା (୨) ରେ ଉଲ୍ଲିଖିତ କାର୍ଯ୍ୟାଳୟ ଗୁଡ଼ିକରୁ ୧୦.୦୨.୨୦୨୩ ସୁଦ୍ଧା ବା ତାପୂର୍ବରୁ ଏକ ସାଧା କାଗଜରେ ଆବେଦନ ଜରିଆରେ ଉପରୋକ୍ତ ଯେକୌଣସି ପ୍ରାଧିକାରୀଙ୍କ ଠାରୁ ପ୍ରାପ୍ତ କରିପାରିବେ। ବିକଳ୍ପ ଭାବରେ ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଫାଇଲିଂର ବିବରଣୀ ଏବଂ ସମ୍ପୃକ୍ତ ବିଷୟବସ୍ତୁକୁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିଃ. ର ୱେବସାଇଟ୍ **www.tpcentralodisha.com** ସହିତ ଆୟୋଗଙ୍କ ୱେବସାଇଟ୍ www.orierc.org ରୁ ଡ଼ାଉନଲୋଡ଼ କରାଯାଇପାରିବ।

(ଖ) ଉକ୍ତ ପ୍ରସ୍ତାବର ଏକ ସାରାଂଶକୁ ଜନସାଧାରଣଙ୍କ ଦର୍ଶନାର୍ଥେ **୩୦.୦୧.୨୦୨୩** ପରେ ଆୟୋଗଙ୍କ ୱେବସାଇଟ୍‌ରେ ପ୍ରକାଶ କରାଯିବ।

**୪.** ମୋଟ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫ୍ ଆବେଦନର ଭଲ୍ୟୁମ୍-୧ ଆଗ୍ରହୀ ବ୍ୟକ୍ତିମାନଙ୍କ ପାଇଁ ଉପରୋକ୍ତ ପାରା (୨) ରେ ଦର୍ଶାଯାଇଥିବା କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ଦିବସରେ **୧୦.୦୨.୨୦୨୩** ସୁଦ୍ଧା ବା ତାପୂର୍ବରୁ ଫଟୋକପି ଚାର୍ଜ (ଟ.୧୦୦) ପ୍ରଦାନ କରି ପାଇପାରିବେ।

**୫.** ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ହ୍ୱିଲିଂ ଟାରିଫ୍ ଓ ରିଟେଲ୍ ସପ୍ଲାଏ ଟାରିଫ୍ ର ନିର୍ଦ୍ଧାରଣ ପାଇଁ ଆବେଦନ ଓ ମୋଟ ରାଜସ୍ୱ ଆବଶ୍ୟକତାର ଏକ ସମ୍ପୂର୍ଣ୍ଣ ସେଟ୍‌କୁ ଉପର ବର୍ଣ୍ଣିତ ପାରା (୨) ରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ **୧୦.୦୨.୨୦୨୩** ସୁଦ୍ଧା ବା ତାପୂର୍ବରୁ ଫଟୋକପି ଚାର୍ଜ (ଟ.୨୦୦) ପ୍ରଦାନ କରି ପ୍ରାପ୍ତ କରାଯାଇପାରିବ। କଥିତ ମତାମତ/ପ୍ରତିବାଦର କପି ସହିତ ସମ୍ପୃକ୍ତ ନଥିପତ୍ରକୁ ମଧ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଯିବା ଆବଶ୍ୟକ।

**(କ)** ମତାମତ/ପ୍ରତିବାଦ ଗୁଡ଼ିକର ସାତଟି କପିକୁ ଫାଇଲ୍ କରାଯିବା ଉଚିତ୍ ଏବଂ ଏଥିରେ ସମ୍ପୂର୍ଣ୍ଣ ନାମ ଓ ଡ଼ାକ ଠିକଣା ସହିତ ପିନ୍ କୋଡ଼୍ ଏବଂ ଇ-ମେଲ୍ ଆଇଡ଼ି ଏବଂ ବ୍ୟକ୍ତି / ସଂସ୍ଥା / ପ୍ରତିଷ୍ଠାନର ଯୋଗାଯୋଗ ଟେଲିଫୋନ ନମ୍ବର ଥାଇ ଉକ୍ତ ମତାମତ/ପ୍ରତିବାଦଗୁଡ଼ିକ ସହ ଏକ ସହାୟକ ସତ୍ୟପାଠ ଥାଇ ପଠାଇବା ଉଚିତ୍।

**(ଖ)** ଯଦି କୌଣସି ବର୍ଗର ଉପଭୋକ୍ତା ପ୍ରତିନିଧିତ୍ୱ କରୁଥିବା କୌଣସି ସଂସ୍ଥା / ପ୍ରତିଷ୍ଠାନ ପକ୍ଷରୁ ମତାମତ/ପ୍ରତିବାଦ ଦାଖଲ କରାଯାଏ ତେବେ ଏଥିରେ ଏକ ସ୍ପଷ୍ଟ ସୂଚନା ରହିବ। ଏହା ମଧ୍ୟ ବିଶେଷ ଭାବରେ ଉଲ୍ଲେଖ କରାଯିବା ଉଚିତ୍, ଯଦି ଏହା ଆୟୋଗଙ୍କ ଦ୍ୱାରା ବ୍ୟକ୍ତିଗତ ଭାବରେ ଶୁଣାଣି କରାଯିବ।

**(ଗ)** ଉପରୋକ୍ତ ତାରିଖ ପରେ ଗ୍ରହଣ କରାଯାଇଥିବା ମତାମତ/ପ୍ରତିବାଦ କିମ୍ବା ଯେଉଁଥିରେ ଉପରୋକ୍ତ ଦୃଷ୍ଟିକୋଣରୁ କୌଣସି ବା ଏକାଧିକ ଅଭାବ ପ୍ରମାଣିତ ହୋଇଥିବ ତାହାକୁ ଶୁଣାଣି ପାଇଁ ଗ୍ରହଣ କରାଯିବ ନାହିଁ। କେବଳ ସତ୍ୟପାଠ ମାଧ୍ୟମରେ ଆସିଥିବା ମତାମତ/ପ୍ରତିବାଦ ଗୁଡ଼ିକୁ ଶୁଣାଣି ପାଇଁ ନିଆଯିବ।

**୬.** ସର୍ବସାଧାରଣ ଶୁଣାଣିର ତାରିଖ ଏବଂ ସ୍ଥାନ ସମ୍ବାଦପତ୍ରରେ ସଠିକ୍ ଭାବରେ ପ୍ରକାଶିତ ହେବ ଏବଂ ତାହାକୁ ସେହି ପକ୍ଷମାନଙ୍କୁ ମଧ୍ୟ ଜଣାଇ ଦିଆଯିବ ଯେଉଁମାନଙ୍କର ପ୍ରତିବାଦ ସ୍ୱୀକାର କରାଯାଇଛି।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,**

**ତାରିଖ : ୧୦.୦୧.୨୦୨୩** **ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିମିଟେଡ଼**

**ସୂଚନା:**

(କ) ଉପରୋକ୍ତ ସାଧାରଣ ବିଜ୍ଞପ୍ତିଟି ମଧ୍ୟ ଟିପି ସେଣ୍ଟ୍ରାଲ ଓଡ଼ିଶା ଡ଼ିଷ୍ଟ୍ରିବ୍ୟୁସନ ଲିଃ.ର ୱେବସାଇଟ୍ www.tpcentralodisha.com ଏବଂ ଆୟୋଗଙ୍କ ୱେବସାଇଟ୍ www.orierc.org ରେ ଉପଲବ୍ଧ ହେବ।

(ଖ) ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ ଯଦି କୌଣସି ଅସଂଗତି ଥାଏ, ତେବେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରାମାଣିକତା ପାଇଁ ବିବେଚନା କରାଯିବ।